**ବଶିର୍ ଅହମ୍ମଦ୍**

**ବନାମ**

**ମେହମୁଦ୍ ହୁସେନ୍ ଶାହ**

**ମାର୍ଚ୍ଚ 20, 1995**

**[କେ. ରାମାସ୍ୱାମୀ ଏବଂ ବି.ଏଲ୍. ହଂସାରିଆ, ନ୍ୟାୟମୂର୍ତ୍ତିଦ୍ୱୟ]**

*ଦେୱାନୀ ପ୍ରକ୍ରିୟା ସଂହିତା - ଆଦେଶ 17, ନିୟମ 1, ଉପ-ନିୟମ (1) ଏବଂ (2) – ମୁଲତବୀ - କେବେ ମଞ୍ଜୁର କରାଯାଇପାରିବ ଏବଂ କେଉଁ ସର୍ତ୍ତରେ ।*

*ଦେୱାନୀ ପ୍ରକ୍ରିୟା ସଂହିତା - ଆଦେଶ 17 ନିୟମ 1 (2) ର ପ୍ରାବଧାନ (d) – "ସମୟ ମଧ୍ୟରେ" ର ବ୍ୟାଖ୍ୟା - ଅନ୍ୟ ଜଣେ ଅଧିବକ୍ତା ନିଯୋଜିତ କରିବା ପାଇଁ ଯୁକ୍ତିଯୁକ୍ତ ସମୟ ଦିଆଯିବା ଉଚିତ ।*

ବାଦୀଙ୍କ ଦ୍ୱାରା ଦାୟର କରାଯାଇଥିବା ଉଚ୍ଛେଦ ମକଦ୍ଦମା ବିଭିନ୍ନ ସମୟରେ ମୁଲତବୀ ରଖାଯାଇଥିଲା । **8.8.94** ରିଖରେ ଅଧିବକ୍ତାମାନଙ୍କ ଧର୍ମଘଟ ଯୋଗୁଁ ମାମଲାଟି **9.8.94** କୁ ମୁଲତବୀ ରଖାଗଲା । ଅପିଲକାରୀଙ୍କ ଅଧିବକ୍ତା ଅସୁସ୍ଥ ହୋଇପଡ଼ିଥିବାରୁ, ଅପିଲକାରୀ ତା **9.8.94** ରିଖରେ ନ୍ୟାୟାଳୟଙ୍କୁ ମାମଲା ମୁଲତବୀ ରଖିବା ପାଇଁ ପ୍ରାର୍ଥନା କରିଥିଲେ ଏବଂ ଖର୍ଚ୍ଚ ପ୍ରଦାନ କରିବାକୁ ସମ୍ମତି ପ୍ରକାଶ କରିଥିଲେ । ଅପିଲକାରୀଙ୍କ ଅନୁରୋଧ ପ୍ରତ୍ୟାଖ୍ୟାନ କରାଗଲା ଏବଂ ଅପିଲକାରୀ ସାକ୍ଷୀଙ୍କୁ ଜେରା କରିବାକୁ ଅସମର୍ଥ ହୋଇଥିବାରୁ, ନ୍ୟାୟାଳୟ ଜେରା କରିବାର ଅଧିକାରକୁ ହରେଇବାର ଆଦେଶ ଦେଲେ ।

ଅପିଲକାରୀ ଉଚ୍ଚ ନ୍ୟାୟାଳୟରେ ଏକ ପୁନଃରୀକ୍ଷଣ ଆବେଦନ ଦାୟର କରିଥିଲେ ଯାହା ଖାରଜ ହୋଇଯାଇଥିଲା । ଏଣୁ, ବିଶେଷ ଅନୁମତି ଆବେଦନ ଜରିଆରେ ଏହି ଅପିଲ କରାଯାଇଛି ।

ଅପିଲଟିକୁ ମଞ୍ଜୁର କରି, ଏହି ନ୍ୟାୟାଳୟ ନିର୍ଣ୍ଣୟ ନେଲେ:

**1.** ଆଦେଶ **17** ନିୟମ **1** ସୂଚାଇ ଦିଏ ଯେ ମକଦ୍ଦମାର ଶୁଣାଣିରେ ବିଳମ୍ବକୁ ପ୍ରୋତ୍ସାହିତ କରାଯିବା ଉଚିତ ନୁହେଁ ଏବଂ ନ୍ୟାୟାଳୟ ଯଥାସମ୍ଭବ ଶୀଘ୍ର ମକଦ୍ଦମାର ବିଚାର କରିବେ । ଯଦି କୌଣସି ଯଥେଷ୍ଟ କାରଣ ଯୋଗୁଁ ମୁଲତବୀର ଆବଶ୍ୟକତା ପଡ଼େ, ତେବେ ଉପଯୁକ୍ତ କ୍ଷେତ୍ରରେ, ନ୍ୟାୟାଳୟ ମାମଲାକୁ ଏକ ସ୍ୱଳ୍ପ ସମୟ ପାଇଁ ମୁଲତବୀ ରଖିପାରନ୍ତି ଏବଂ ମୁଲତବୀ ଚାହୁଁଥିବା ପକ୍ଷଙ୍କୁ ସାକ୍ଷୀମାନଙ୍କ ଉପସ୍ଥିତି ପାଇଁ ହୋଇଥିବା ଖର୍ଚ୍ଚ ଭରଣା କରିବାକୁ ନିର୍ଦ୍ଦେଶ ଦେଇପାରନ୍ତି । **[814-G]**

**2. (a) ଆଦେଶ 17 ନିୟମ 1 (2) ର ପ୍ରାବଧାନ ର ଖଣ୍ଡ (d) ରେ ଥିବା "ସମୟ ମଧ୍ୟରେ" ଶବ୍ଦଟି ସୂଚାଇ ଦିଏ ଯେ ଯେତେବେଳେ ଜଣେ ଅଧିବକ୍ତା ହଠାତ୍ ଅସୁସ୍ଥ ହୋଇପଡ଼ନ୍ତି, ସେତେବେଳେ ଅତି କମରେ ଯୁକ୍ତିଯୁକ୍ତ ସମୟ ଦିଆଯିବା ଉଚିତ । ଯଦି ଶେଷ ମୁଲତବୀ ତାରିଖ ଏବଂ ପରବର୍ତ୍ତୀ ବିଚାର ତାରିଖ ମଧ୍ୟରେ ପର୍ଯ୍ୟାପ୍ତ ସମୟ ଥାଏ, ତେବେ ପକ୍ଷମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ ଯୁକ୍ତିଯୁକ୍ତ ସମୟ ମିଳିଥାଏ । ଏପରି କ୍ଷେତ୍ରରେ, ଅଧିବକ୍ତାଙ୍କ ଅସୁସ୍ଥତା ଆଧାରରେ ମୁଲତବୀକୁ ମନା କରାଯାଇପାରେ ଏବଂ ବିକଳ୍ପ ବ୍ୟବସ୍ଥା କରିବାରେ ବିଫଳ ହେବା ପାଇଁ ସେହି ପକ୍ଷ ନିଜେ ଦାୟୀ ରହିବେ । [815- B]**

**(b) ମାମଲାକୁ ଅତି କମରେ ପରବର୍ତ୍ତୀ ଦିନ ପାଇଁ ମୁଲତବୀ ରଖିବାକୁ ମନା କରି ନ୍ୟାୟାଳୟ ଠିକ୍ କରିନାହାଁନ୍ତି, କାରଣ ଅପିଲକାରୀଙ୍କ ଅଧିବକ୍ତାଙ୍କୁ ଉତ୍ତରଦାତା-ବାଦୀଙ୍କୁ ଜେରା କରିବାର ଥିଲା । ଯେପର୍ଯ୍ୟନ୍ତ ନୂତନ ଭାବେ ନିୟୋଜିତ ଅଧିବକ୍ତାଙ୍କୁ ଯୁକ୍ତି, ସ୍ଥିର ହୋଇଥିବା ବିଚାର୍ଯ୍ୟ ବିଷୟ ଏବଂ ପୂର୍ବରୁ ଥିବା ସାକ୍ଷ୍ୟ ପ୍ରମାଣ ଉପରେ ମନୋନିବେଶ କରିବାକୁ ସମୟ ନ ମିଳିଛି, ସେପର୍ଯ୍ୟନ୍ତ ତାଙ୍କ ପାଇଁ ତତକ୍ଷଣାତ୍ ଜେରା କରିବା କଷ୍ଟକର ହେବ । [815-G-E]**

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାର: ଦେୱାନୀ ଅପିଲ ସଂଖ୍ୟା 4035/1995 ।

ସି.ଆର୍. ସଂଖ୍ୟା 118/1994 ରେ ଜାମ୍ମୁ ଓ କାଶ୍ମୀର ଉଚ୍ଚ ନ୍ୟାୟାଳୟଙ୍କ ପ୍ରଦତ୍ତ 8.9.94 ର ରାୟ ଏବଂ ଆଦେଶ ବିରୁଦ୍ଧରେ ଅପିଲ ।

ଅପିଲକାରୀଙ୍କ ପକ୍ଷରୁ ଏସ୍.ପି. ସିଂହ ଏବଂ ଅଶୋକ ମାଥୁର ।

ଉତ୍ତରଦାତାଙ୍କ ପକ୍ଷରୁ ଏମ୍.ଏଲ୍. ଭଟ୍ଟ, ଅନନ୍ତ ପାଲ୍ଲି ଏବଂ ସୁଶ୍ରୀ ପୂର୍ଣ୍ଣିମା ଭଟ୍ଟ କାକ୍ ।

ନ୍ୟାୟାଳୟଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା:

ଅନୁମତି ମଞ୍ଜୁର କରାଗଲା ।

ଆମେ ଉଭୟ ପକ୍ଷର ଅଧିବକ୍ତାଙ୍କ ଶୁଣାଣି କରିଛୁ । ନଥିପତ୍ରରୁ ଜଣାପଡୁଛି ଯେ, ଅକ୍ଟୋବର 3, 1988 ରେ ଉଚ୍ଛେଦ ପାଇଁ ଏକ ମକଦ୍ଦମା ଦାୟର କରାଯାଇଥିଲା ଏବଂ ଏହି ମାମଲା ବିଭିନ୍ନ କାରଣରୁ ବାରମ୍ବାର ମୁଲତବୀ ରଖାଯାଇଥିଲା । 8.8.94 ରେ, ବାଦୀ ବ୍ୟକ୍ତିଗତ ଭାବେ ଉପସ୍ଥିତ ଥିବାବେଳେ, ଜଣେ ଅଧିବକ୍ତାଙ୍କ ମୃତ୍ୟୁ ଯୋଗୁଁ ଅଧିବକ୍ତାମାନେ ଧର୍ମଘଟ କରିଥିଲେ । ଫଳସ୍ୱରୂପ, ମାମଲାଟି 9.8.94 କୁ ମୁଲତବୀ ରଖାଗଲା । ଏହା ପ୍ରତୀୟମାନ ହେଉଛି ଯେ ଅପିଲକାରୀଙ୍କ ଅଧିବକ୍ତା ଅସୁସ୍ଥ ଥିବାରୁ, ଅପିଲକାରୀ ଉତ୍ତରଦାତା-ବାଦୀଙ୍କୁ ଜେରା କରିପାରିନଥିଲେ ଏବଂ ଏକ ସ୍ୱଳ୍ପ ସମୟ ପାଇଁ ମୁଲତବୀ ରଖିବାକୁ ଅନୁରୋଧ କରିଥିଲେ ଏବଂ

ଖର୍ଚ୍ଚ ଦେବାକୁ ରାଜି ହୋଇଥିଲେ । ଏହା ପରିବର୍ତ୍ତେ, ନ୍ୟାୟାଳୟ ଅପିଲକାରୀଙ୍କୁ ବାଦୀଙ୍କ ଜେରା ପାଇଁ ଅନ୍ୟ ଜଣେ ଅଧିବକ୍ତା ନିୟୋଜିତ କରିବାକୁ ନିର୍ଦ୍ଦେଶ ଦେଲେ । ଯେହେତୁ ସେ ତାହା କଲେ ନାହିଁ, ନ୍ୟାୟାଳୟ ଜେରା କରିବାର ଅଧିକାରକୁ ହରେଇବାର ଆଦେଶ ଦେଲେ ଏବଂ ମାମଲା ପରିଚାଳନା କଲେ ।

ବିଚାରଣ ନ୍ୟାୟାଳୟଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରକ୍ରିୟା ଏବଂ ପ୍ରଦତ୍ତ ଆଦେଶକୁ ଆପତ୍ତି କରି ଅପିଲକାରୀ ପୁନଃରୀକ୍ଷଣ ଆବେଦନ ଦାୟର କରିଥିଲେ । ସି.ଆର୍. ସଂଖ୍ୟା 118/1994 ରେ ଉଚ୍ଚ ନ୍ୟାୟାଳୟ ୫.9.94 ରିଖର ଆଦେଶ ବଳରେ ଉକ୍ତ ପୁନଃରୀକ୍ଷଣ ଆବେଦନଟିକୁ ଖାରଜ କରିଦେଲେ । ଏଣୁ, ବିଶେଷ ଅନୁମତି ଜରିଆରେ ଏହି ଅପିଲ ।

ଆଦେଶ 17, ନିୟମ 1 (1) ବ୍ୟବସ୍ଥା କରେ ଯେ:

"ଯଦି ଯଥେଷ୍ଟ କାରଣ ଦର୍ଶାଯାଏ, ତେବେ ନ୍ୟାୟାଳୟ ମକଦ୍ଦମାର ଯେକୌଣସି ପର୍ଯ୍ୟାୟରେ ପକ୍ଷମାନଙ୍କୁ କିମ୍ବା ସେମାନଙ୍କ ମଧ୍ୟରୁ କାହାକୁ ବି ସମୟ ଦେଇପାରନ୍ତି ଏବଂ ସମୟ ସମୟରେ ମକଦ୍ଦମାର ଶୁଣାଣି ମୁଲତବୀ ରଖିପାରନ୍ତି" ।

ଉପ-ନିୟମ (2) ଏଠାରେ ପ୍ରାସଙ୍ଗିକ, ଯାହା ଏହିପରି ଅଟେ:

"ମୁଲତବୀର ଖର୍ଚ୍ଚ - ପ୍ରତ୍ୟେକ କ୍ଷେତ୍ରରେ ନ୍ୟାୟାଳୟ ମକଦ୍ଦମାର ପରବର୍ତ୍ତୀ ଶୁଣାଣି ପାଇଁ ଏକ ଦିନ ଧାର୍ଯ୍ୟ କରିବେ ଏବଂ ମୁଲତବୀ ଯୋଗୁଁ ହୋଇଥିବା ଖର୍ଚ୍ଚ ସମ୍ବନ୍ଧରେ ଯାହା ଉଚିତ ମନେ କରିବେ ସେହି ଆଦେଶ ଦେଇପାରିବେ:

ପ୍ରକାଶଥାଉକି:

(a)XXXXXXX

(b)XXXXXXXXXX

(c)XXXXXXXX XXXX

(d) ଯେଉଁଠାରେ ଜଣେ ଅଧିବକ୍ତାଙ୍କ ଅସୁସ୍ଥତା କିମ୍ବା ଅନ୍ୟ କୌଣସି ନ୍ୟାୟାଳୟରେ ନିୟୋଜିତ ଥିବା ବ୍ୟତୀତ ଅନ୍ୟ କୌଣସି କାରଣରୁ ମାମଲା ପରିଚାଳନା କରିବାରେ ତାଙ୍କର ଅସମର୍ଥତାକୁ ମୁଲତବୀ ପାଇଁ ଏକ ଆଧାର ଭାବରେ ଦର୍ଶାଯାଏ, ସେଠାରେ ନ୍ୟାୟାଳୟ ମୁଲତବୀ ମଞ୍ଜୁର କରିବେ ନାହିଁ, ଯେ ପର୍ଯ୍ୟନ୍ତ ନ୍ୟାୟାଳୟ ସନ୍ତୁଷ୍ଟ ନ ହୁଅନ୍ତି ଯେ

> ମୁଲତବୀ ପାଇଁ ଆବେଦନ କରିଥିବା ପକ୍ଷ ସମୟ ମଧ୍ୟରେ ଅନ୍ୟ ଜଣେ ଅଧିବକ୍ତା ନିୟୋଜିତ କରିପାରି ନଥାନ୍ତେ" ।

ଏହି ନିୟମ ସୂଚାଇ ଦିଏ ଯେ ମକଦ୍ଦମାର ବିଚାରରେ ବିଳମ୍ବକୁ ପ୍ରୋତ୍ସାହିତ କରାଯିବା ଉଚିତ ନୁହେଁ ଏବଂ ନ୍ୟାୟାଳୟ ଯଥାସମ୍ଭବ ଶୀଘ୍ର ମକଦ୍ଦମାର ବିଚାର କରିବେ । ଯଦି କୌଣସି ଯଥେଷ୍ଟ କାରଣରୁ ମୁଲତବୀର ଆବଶ୍ୟକତା ପଡ଼େ, ତେବେ ଉପଯୁକ୍ତ କ୍ଷେତ୍ରରେ, ନ୍ୟାୟାଳୟ ଏକ ସ୍ୱଳ୍ପ ତାରିଖ ପାଇଁ ମୁଲତବୀ ରଖିପାରନ୍ତି ଏବଂ ମୁଲତବୀ ଚାହୁଁଥିବା ପକ୍ଷଙ୍କୁ ସାକ୍ଷୀମାନଙ୍କ ଉପସ୍ଥିତି ପାଇଁ ହୋଇଥିବା ଖର୍ଚ୍ଚ ଭରଣା କରିବାକୁ ନିର୍ଦ୍ଦେଶ ଦେଇପାରନ୍ତି । ପ୍ରାବଧାନର ଖଣ୍ଡ (d) ସ୍ପଷ୍ଟ ଭାବେ ଉଲ୍ଲେଖ କରେ ଯେ ଯଦି ନ୍ୟାୟାଳୟ ସନ୍ତୁଷ୍ଟ ହୁଅନ୍ତି ଯେ ଅଧିବକ୍ତାଙ୍କ ଅସୁସ୍ଥତା କିମ୍ବା ମାମଲା ପରିଚାଳନା କରିବାରେ ତାଙ୍କର ଅସମର୍ଥତା ଦର୍ଶାଯାଇଛି (ଅଧିବକ୍ତା ଅନ୍ୟ ଏକ ମାମଲାରେ ବ୍ୟସ୍ତ ଥିବା କାରଣ ବ୍ୟତୀତ), ତେବେ ସେ ମୁଲତବୀ ମଞ୍ଜୁର କରିବେ ନାହିଁ ।

ତେଣୁ, ନ୍ୟାୟାଳୟ ସେହି ବିଷୟରେ ନିଜେ ସନ୍ତୁଷ୍ଟ ହେବା ଆବଶ୍ୟକ । ଯଦି ପକ୍ଷ ଅନ୍ୟ ଜଣେ ଅଧିବକ୍ତା ନିୟୋଜିତ କରନ୍ତି, ତେବେ ପୁଣି ମୁଲତବୀର ଆବଶ୍ୟକତା ଦୂର ହେବ । "ସମୟ ମଧ୍ୟରେ" ଶବ୍ଦଗୁଡ଼ିକ ସୂଚାଇ ଦିଏ ଯେ ଯେତେବେଳେ ଜଣେ ଅଧିବକ୍ତା ହଠାତ୍ ଅସୁସ୍ଥ ହୁଅନ୍ତି, ଅତି କମରେ ଯୁକ୍ତିଯୁକ୍ତ ସମୟ ଦିଆଯିବା ଉଚିତ । ଯେତେବେଳେ ଶେଷ ମୁଲତବୀ ତାରିଖ ଏବଂ ପରବର୍ତ୍ତୀ ବିଚାର ତାରିଖ ମଧ୍ୟରେ ପର୍ଯ୍ୟାପ୍ତ ସମୟ ବ୍ୟବଧାନ ଥାଏ ସେତେବେଳେ ପକ୍ଷମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ ଯୁକ୍ତିଯୁକ୍ତ ସମୟ ଥାଏ । ଏପରି କ୍ଷେତ୍ରରେ, ଅଧିବକ୍ତାଙ୍କ ଅସୁସ୍ଥତା ଆଧାରରେ ମୁଲତବୀ ମନା କରାଯାଇପାରେ ଏବଂ ବିକଳ୍ପ ବ୍ୟବସ୍ଥା କରିବାରେ ବିଫଳତା ପାଇଁ ସେହି ପକ୍ଷ ଦାୟୀ ରହିବେ । ଉଦାହରଣ ସ୍ୱରୂପ, ଏକ ମକଦ୍ଦମା ଏକ ସପ୍ତାହ ପାଇଁ ମୁଲତବୀ ରଖାଗଲା ଏବଂ ଅଧିବକ୍ତା ହଠାତ୍ ଅସୁସ୍ଥ ହୋଇପଡ଼ିଲେ, ଯାହା ପକ୍ଷଙ୍କୁ ଜଣାଥାଏ । ତେଣୁ, ପକ୍ଷଙ୍କୁ ପୂର୍ବରୁ ଅନ୍ୟ ଅଧିବକ୍ତା ନିୟୋଜିତ କରି ବିଚାର ପ୍ରକ୍ରିୟା ଆଗକୁ ବଢାଇବା ପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ ପଡିବ । 'ସମୟ ମଧ୍ୟରେ' ଶବ୍ଦଟି ତେଣୁ ସୂଚାଏ ଯେ ବିକଳ୍ପ ବ୍ୟବସ୍ଥା କରିବା ପାଇଁ ଯୁକ୍ତିଯୁକ୍ତ ସମୟ ଆବଶ୍ୟକ ।

ଏହି ମାମଲାରେ ଦେଖାଯାଉଛି ଯେ ଅପିଲକାରୀଙ୍କ ଅଧିବକ୍ତାଙ୍କୁ ଉତ୍ତରଦାତା-ବାଦୀଙ୍କୁ ଜେରା କରିବାର ଥିଲା । ଯେ ପର୍ଯ୍ୟନ୍ତ ନୂତନ ଅଧିବକ୍ତାଙ୍କୁ ଯୁକ୍ତି, ସ୍ଥିର ହୋଇଥିବା ବିଚାର୍ଯ୍ୟ ବିଷୟ ଏବଂ ନଥିରେ ଥିବା ସାକ୍ଷ୍ୟ ପ୍ରମାଣ ଉପରେ ନିଜର ଜ୍ଞାନ ପ୍ରୟୋଗ କରିବାକୁ ସମୟ ନ ମିଳିଛି, ସେ ପର୍ଯ୍ୟନ୍ତ ତତକ୍ଷଣାତ୍ ଜେରା କରିବା କଷ୍ଟକର ହେବ । ଏହା ଦେଖାଯାଇପାରେ ଯେ ମାମଲାଟି ୪.୪.94 ରୁ 9.୪.94 କୁ ମୁଲତବୀ ରଖାଯାଇଥିଲା । ସ୍ପଷ୍ଟତଃ, ସେହି ରାତିରେ ଅଧିବକ୍ତା ଅସୁସ୍ଥ ହୋଇପଡ଼ିଥିବେ । ତେଣୁ, ବିକଳ୍ପ ବ୍ୟବସ୍ଥା କରିବାକୁ ପକ୍ଷଙ୍କ ପାଖରେ ସମୟ ନଥିଲା । ବିଚାର ଆଗକୁ ବଢାଇବା ପାଇଁ ଜଣେ ନୂତନ ଅଧିବକ୍ତାଙ୍କୁ ନିୟୋଜିତ କରିବା ଗୁରୁତର ବିପଦପୂର୍ଣ୍ଣ ଏବଂ

ଅବାସ୍ତବ ହୋଇଥାନ୍ତା । ନ୍ୟାୟାଳୟ ମାମଲାକୁ ପରବର୍ତ୍ତୀ ତାରିଖ ପାଇଁ ମୁଲତବୀ ରଖିବା ଉଚିତ ଥିଲା ଯଦ୍ଵାରା ଅପିଲକାରୀ ଅନ୍ୟ ଜଣେ ଅଧିବକ୍ତା ନିୟୋଜିତ କରିପାରିଥାନ୍ତେ ଏବଂ ଯୁକ୍ତି ଏବଂ ବିଚାର୍ଯ୍ୟ ବିଷୟ ଅନୁଯାୟୀ ଜେରା କରିବା ପାଇଁ ନୂତନ ଅଧିବକ୍ତାଙ୍କୁ ନିର୍ଦ୍ଦେଶ ଦେଇପାରିଥାନ୍ତେ ।

ଏହି ପରିସ୍ଥିତିରେ, ଅତି କମରେ ପରବର୍ତ୍ତୀ ଦିନ ପାଇଁ ମାମଲା ମୁଲତବୀ ରଖିବାକୁ ମନା କରି ନ୍ୟାୟାଳୟ ଠିକ୍ କରିନାହାଁନ୍ତି ଏବଂ ଅପିଲକାରୀଙ୍କ ଜେରା କରିବାର ଅଧିକାରକୁ ବାଜ୍ୟାପ୍ତି କରିବା ଆଦେଶ ଦେଇ ଗୁରୁତର ଆଇନଗତ ତ୍ରୁଟି କରିଛନ୍ତି ।

ତଦନୁଯାୟୀ ଅପିଲଟିକୁ ମଞ୍ଜୁର କରାଯାଉଛି । ବିଚାର ବିଭାଗୀୟ ନ୍ୟାୟାଳୟଙ୍କୁ ଉତ୍ତରଦାତା-ବାଦୀଙ୍କ ଜେରା ପାଇଁ ଏକ ତାରିଖ ଧାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଉଛି, ଯେଉଁ ତାରିଖରେ ଅପିଲକାରୀ ମକଦ୍ଦମାର ବିଚାର ପ୍ରକ୍ରିୟା ଜାରି ରଖିବେ । ଯଦି ଅନ୍ୟ କୌଣସି ସାକ୍ଷୀଙ୍କୁ ଯାଞ୍ଚ କରାଯାଇଥାଏ, ତେବେ ସେମାନଙ୍କୁ ପୁନର୍ବାର ଡକାଯିବା ଉଚିତ ଏବଂ ଅପିଲକାରୀଙ୍କୁ ସେମାନଙ୍କୁ ଜେରା କରିବା ପାଇଁ ସୁଯୋଗ ଦିଆଯିବା ଉଚିତ । ଯଦି ସେ ବିଚାର ପ୍ରକ୍ରିୟା ଆଗକୁ ନ ନିଅନ୍ତି, ତେବେ ତାଙ୍କର ଜେରା କରିବାର ଅଧିକାର ହରାଇବେ ଏବଂ ନ୍ୟାୟାଳୟ ଆଇନ ଅନୁଯାୟୀ ବିଚାର ପ୍ରକ୍ରିୟା ଜାରି ରଖିବାକୁ ଏବଂ ମକଦ୍ଦମାର ଫଏସଲା କରିବାକୁ ଉନ୍ମୁକ୍ତ ରହିବେ । କୌଣସି ଖର୍ଚ୍ଚ ଧାର୍ଯ୍ୟ କରାଯାଉ ନାହିଁ ।

ବି.କେ.ଏମ୍. ଅପିଲ ମଞ୍ଜୁର ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**